# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**31st July - 2026**

**************************************

*Desk*

## ସାର୍ବସଜନୀନ ପରୀକ୍ଷା ବିଲ୍

ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ସଂଶୋଧନ ବିଲ୍ ୨୦୨୬ ରାଜ୍ୟସଭାରେ ପାରିତ ହେବା ପରେ ସଂସଦର ଅନୁମୋଦନ ଲାଭ କରିଛି । ପୂର୍ବରୁ ଏହି ବିଲ୍ ଲୋକସଭାରେ ପାରିତ ହୋଇଥିଲା । ଏ ସମ୍ପର୍କରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି, ଏହା ଦେଶର ପରୀକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବ । ଏହି ବିଲ୍ ପାରିତ ହେବାଦ୍ୱାରା ପରୀକ୍ଷାର୍ଥୀ ଓ ସେମାନଙ୍କ ପରିବାରକୁ ନ୍ୟାୟ ଓ ସୁରକ୍ଷା ମିଳିବ ବୋଲି ଶ୍ରୀ ମୋଦି ଆଶା ପ୍ରକାଶ କରିଛନ୍ତି ।

***Voice (PM)*** :.......

କାର୍ମିକ, ସାଧାରଣ ଅଭିଯୋଗ ଓ ପେନ୍ସନ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ ବିଲ୍ ଆଗତ କରି କହିଥିଲେ, ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଦୋଷୀଙ୍କ ବିରୋଧରେ ଶୂନ୍ୟ ସହନଶୀଳତା ଅବଲମ୍ବନ କରାଯିବ ।

*Desk, Dhenkanal, Jajpur/R*

## ବନ୍ୟା

ଚଳିତ ବନ୍ୟାରେ ରାଜ୍ୟର ୨୦ଟି ଜିଲ୍ଲାର ୧୦୦ଟି ବ୍ଲକ ପ୍ରଭାବିତ ହୋଇଛି । ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ ସୂଚନା ଅନୁଯାୟୀ ୫୩୯ଟି ଗ୍ରାମ ପଞ୍ଚାୟତର ୧ ହଜାର ୪୫୮ଟି ଗାଁ ଓ ୧୪ଟି ସହରାଞ୍ଚଳର ୧୭୬ଟି ୱାର୍ଡ଼ ପ୍ରଭାବିତ ହୋଇଥିବାବେଳେ ୭ ଲକ୍ଷ ୫ ହଜାର ୨୩୨ ଜଣ ଲୋକ ବନ୍ୟା ପ୍ରଭାବିତ ହୋଇଛନ୍ତି। ୧ ଲକ୍ଷ ୮୯ ହଜାର ୫୯୭ ଜଣ ଲୋକଙ୍କୁ ସୁରକ୍ଷିତ ସ୍ଥାନ ଏବଂ ରିଲିଫ୍ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ବନ୍ୟାରେ ୧ ହଜାର ୩୫୩ଟି ଘର ଏବଂ ୨୪ ହଜାର ୮୯୬ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ୫୨୦ଟି ରିଲିଫ୍ କ୍ୟାମ୍ପରେ ପ୍ରଭାବିତ ଲୋକମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଥିବାବେଳେ ଗୃହପାଳିତ ପଶୁମାନଙ୍କପାଇଁ ୧୯ଟି କ୍ୟାମ୍ପ୍ ଖୋଲାଯାଇଛି । ୩ ଦିନ ମଧ୍ୟରେ ବନ୍ୟା କ୍ଷୟକ୍ଷତି ରିପୋର୍ଟ ଦେବାକୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ମହାନଦୀ ଓ ଏହାର ଶାଖାନଦୀଗୁଡ଼ିକରେ ଜଳପ୍ରବାହ ବୃଦ୍ଧି ପାଇଥିବାରୁ ଜଗତ୍‌ସିଂହପୁର ଜିଲ୍ଲାର କେତେକ ଶିକ୍ଷାନୁଷ୍ଠାନ ଓ ଯାଜପୁରର ସମସ୍ତ ଶିକ୍ଷାନୁଷ୍ଠାନକୁ ଆଜି ଓ ଆସନ୍ତାକାଲି ପାଇଁ ବନ୍ଦ ଘୋଷଣା କରାଯାଇଛି । ଭଦ୍ରକ ଏବଂ ଖୋର୍ଦ୍ଧାରେ ଆଜିପାଇଁ ସମସ୍ତ ଶିକ୍ଷାନୁଷ୍ଠାନ ବନ୍ଦ ରହିଛି । ଆସନ୍ତା ୪୮ ଘଣ୍ଟା ପର୍ଯ୍ୟନ୍ତ କଟକ ଧବଳେଶ୍ୱର ପୀଠକୁ ଶ୍ରଦ୍ଧାଳୁମାନଙ୍କୁ ଯିବାକୁ ବାରଣ କରାଯାଇଛି । ବନ୍ୟାସ୍ଥିତିର ମୁକାବିଲା ଏବଂ ବନ୍ୟାଜଳ ମୁକାବିଲା କରିବାପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ୭ ଜଣ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି ।

ବନ୍ୟା ମୁକାବିଲା ଲାଗି ବିଭିନ୍ନ ସ୍ଥାନରେ ୨୪ଟି ଓଡ୍ରାଫ୍, ୬ଟି ଏନ୍.ଡି.ଆର୍.ଏଫ୍. ଏବଂ ୪୬ଟି ଅଗ୍ନିଶମ ବାହିନୀ ଦଳ ଉଦ୍ଧାର କାର୍ଯ୍ୟରେ ନିୟୋଜିତ କରାଯାଇଛି ।  ଅପରପକ୍ଷରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ୧୩ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି ।

***Kendrapara, Bhadrak/R***

# କେନ୍ଦ୍ରାପଡ଼ା - ବନ୍ୟା

କେନ୍ଦ୍ରାପଡ଼ାରେ ସମ୍ଭାବ୍ୟ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ରଘୁରାମ ଆର୍. ଆୟରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ବନ୍ୟା ପ୍ରସ୍ତୁତି ଓ ସମନ୍ୱୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ବୈତରଣୀ ନଦୀର ଜଳସ୍ତର, ନଦୀବନ୍ଧର ସୁରକ୍ଷା, ଜଳ ନିଷ୍କାସନ, ସମ୍ଭାବ୍ୟ ପ୍ରଭାବିତ ଅଞ୍ଚଳ ଚିହ୍ନଟ, ଲୋକଙ୍କ ସ୍ଥାନାନ୍ତରଣ ଏବଂ ବନ୍ୟା ଆଶ୍ରୟସ୍ଥଳର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା।

ଅନ୍ୟପକ୍ଷରେ ଭଦ୍ରକ ଜିଲ୍ଲା ସାଳନ୍ଦୀ ନଦୀ ରାଜଘାଟଠାରେ ଜଳସ୍ତର ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବାବେଳେ ବୈତରଣୀ ନଦୀ ଆଖୁଆପଦାଠାରେ ଜଳସ୍ତର ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି ।

***Bolangir/R***

## ବନ୍ୟାଞ୍ଚଳ - ମହାଲିଙ୍ଗ

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ବଲାଙ୍ଗିର ଜିଲ୍ଲାର ଆଗଲପୁର ବ୍ଲକ ଅନ୍ତର୍ଗତ ରଫାଖାଲ, ଡୁଙ୍ଗୁରିପାଲି ଓ ଭର୍ସୁଜା ଅଞ୍ଚଳର ବନ୍ୟା ପ୍ରଭାବିତ ସ୍ଥାନ ବୁଲି ଦେଖିଥିଲେ । ମନ୍ତ୍ରୀ କ୍ଷତିଗ୍ରସ୍ତ ପରିବାରଙ୍କ ସହ ଆଲୋଚନା କରି ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ ।

***Desk***

## ସଂଖ୍ୟାଲଘୁ ବୈଠକ

ବିଧାନସଭାରେ ସଂଖ୍ୟାଲଘୁ ଓଡ଼ିଆ ଭାଷାଭାଷୀଙ୍କ ଉନ୍ନତି ପାଇଁ ଗଠିତ ଗୃହ କମିଟିର ବୈଠକ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି । ରାଜ୍ୟ ବାହାରେ ବିଚ୍ଛିନ୍ନାଞ୍ଚଳ, ସୀମାନ୍ତ ଓ ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା ଶିକ୍ଷାର ପ୍ରସାର ପାଇଁ ବିଦ୍ୟାଳୟର ଭିତ୍ତିଭୂମିର ଉନ୍ନତି, ଶିକ୍ଷକ ନିଯୁକ୍ତି, ପାଠ୍ୟପୁସ୍ତକ ଯୋଗାଣ ଏବଂ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହନ ଦେବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି ।

***Kendrapara/R***

# ଆଟ୍ ହୋମ୍ ପାର୍ଟି

କେନ୍ଦ୍ରାପଡା ଜିଲ୍ଲାର ରାଜକନିକା ବ୍ଲକ୍ ଜୟନଗର ଖୁଣ୍ଟା ଗ୍ରାମର ସଫଳ ମତ୍ସ୍ୟଚାଷୀ ସୁରେଶ ଚନ୍ଦ୍ର ରାଉତଙ୍କୁ ରାଷ୍ଟ୍ରପତି ଭବନର ଆଟ୍ ହୋମ୍ ପାର୍ଟି ପାଇଁ ନିମନ୍ତ୍ରଣ ମିଳିଛି। ଶ୍ରୀ ରାଉତ ସ୍ୱତନ୍ତ୍ର ପ୍ରଜାତିର ଚିଙ୍ଗୁଡ଼ି ଚାଷ କରି ସଫଳତା ହାସଲ କରିବା ସହ ସ୍ଥାନୀୟ ଅଞ୍ଚଳରେ ରୋଜଗାରର ସୁଯୋଗ ସୃଷ୍ଟି କରିଛନ୍ତି।

***Bhadrak/R***

# ଏ.ଆଇ. ହବ୍

ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଭୁବନେଶ୍ୱରସ୍ଥିତ ୱାନ୍ ଫ୍ୟୁଚର୍ ଫାଉଣ୍ଡେସନ୍ ମଧ୍ୟରେ ସରକାରୀ ବିଦ୍ୟାଳୟରେ  କୃତ୍ରିମ ବୁଦ୍ଧିମତ୍ତା, ନବସୃଜନ ଏବଂ ଦକ୍ଷତା କେନ୍ଦ୍ର ପ୍ରତିଷ୍ଠା ପାଇଁ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ଏହାଦ୍ୱାରା ସରକାରୀ ବିଦ୍ୟାଳୟଗୁଡ଼ିକରେ ଏଆଇ, ରୋବୋଟିକ୍ସ, କୋଡିଂ ଓ ଇଣ୍ଟରନେଟ୍ ଅଫ୍ ଥିଙ୍ଗ୍ସ ଭଳି ବିଷୟରେ ପ୍ରଶିକ୍ଷଣ ଦିଆଯିବ।

*Ganjam/R*

# ପି.ଏମ୍. - ଅର୍ଥନୈତିକ ପରାମର୍ଶଦାତା

ପ୍ରଧାନମନ୍ତ୍ରୀଙ୍କ ଅର୍ଥନୈତିକ ପରାମର୍ଶଦାତା ପରିଷଦର ଯୁଗ୍ମ ସଚିବ ଡକ୍ଟର କମଳାକାନ୍ତ ତ୍ରିପାଠୀ ଦିନିକିଆ ଗଞ୍ଜାମ ଗସ୍ତରେ ଯାଇ ସମନ୍ୱିତ ଉପକୂଳ କ୍ଲଷ୍ଟର ବିକାଶ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଉପକୂଳ ଅଞ୍ଚଳର ପରିବେଶ ଅନୁକୂଳ, ଆର୍ଥିକ ଓ ସାମାଜିକ ବିକାଶ ସହ ପ୍ରାକୃତିକ ବିପର୍ଯ୍ୟୟ, ସମୁଦ୍ରକୂଳ କ୍ଷୟ ଏବଂ ଜୀବିକା ସମସ୍ୟାର ସମାଧାନ ଏହି ପଦକ୍ଷେପର ମୂଳଲକ୍ଷ୍ୟ ।

*Sonepur/R*

# ଏ.ଆଇ. କର୍ମଶାଳା

ସୁବର୍ଣ୍ଣପୁରଠାରେ କୃତ୍ରିମ ବୁଦ୍ଧିମତ୍ତା ସମ୍ପର୍କିତ କର୍ମଶାଳାରେ ଜିଲ୍ଲାପାଳ ନୃପରାଜ ସାହୁ’ କୃତ୍ରିମ ବୁଦ୍ଧିମତ୍ତାର ସଠିକ୍ ବ୍ୟବହାର ମାଧ୍ୟମରେ ପ୍ରଶାସନିକ କାର୍ଯ୍ୟକୁ ଅଧିକ ସ୍ୱଚ୍ଛ, ଦକ୍ଷ ଏବଂ ଦ୍ରୁତ କରିବା ନେଇ ଗୁରୁତ୍ୱ ପ୍ରଦାନ କରିଥିଲେ ।

*Desk*

# ଅପାର ଆପ୍

ରାଜ୍ୟ ସମଗ୍ର ଶିକ୍ଷାର ଯୁଗ୍ମ ନିର୍ଦ୍ଦେଶକ ସସ୍ମିତା ସାହୁଙ୍କ ନେତୃତ୍ୱରେ ଏକ ଦଳ ଗଞ୍ଜାମ ଗସ୍ତକରି 'ଅପାର୍' ଆପ୍ ମାଧ୍ୟମରେ ଜାତୀୟ ଶିକ୍ଷା ନୀତି-୨୦୨୦ର କାର୍ଯ୍ୟକାରିତା ନେଇ ସମୀକ୍ଷା କରିଛନ୍ତି। ସେ ବ୍ରହ୍ମପୁର ମହାନଗର ନିଗମ ସମେତ ରଙ୍ଗେଇଲୁଣ୍ଡା, କୁକୁଡାଖଣ୍ଡି, ହିଞ୍ଜିଳିକାଟୁ, କବିସୂର୍ଯ୍ୟନଗର ଓ ପୁରୁଷୋତ୍ତମପୁର ବ୍ଲକର ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ମାଧ୍ୟମିକ ବିଦ୍ୟାଳୟ ବୁଲିଥିଲେ ।

*****